## ସଂକ୍ଷେପରେ

### ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି

ବଇଣ୍ଡା,୧୯।୧୧(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ କେଞ୍ଜୁଆନାଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ନାୟକ ସ୍କୁଲରେ ବାରମ୍ବାର ଅନୁପସ୍ଥିତ ରହୁଥିବା ଗ୍ରାମବାସୀ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସ୍କୁଲରେ ପାଠ ପଢ଼ାଇବା ପାଇଁ ସୁଧାଂଶୁଙ୍କ ସମେତ ଅନ୍ୟଜଣେ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ହେଲେ ପ୍ରଧାନ ଶିକ୍ଷକ ଠିକ୍ ଭାବେ ବିଦ୍ୟାଳୟକୁ ଆସୁନାହାନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରିବା ସହ ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ଶକୁନ୍ତଳା ଦେହୁରୀ, କୁମାରୀ ବେହେରା, ପଦ୍ମାବତୀ ପ୍ରଧାନ, ରମେଶ ବେହେରା, ଜିତେନ୍ଦ୍ର ବେହେରା, ତ୍ରିଲୋଚନ ନାୟକ, ବସନ୍ତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପଟେ ଅଭିଯୋଗକୁ ପ୍ରଧାନ ଶିକ୍ଷକ ଖଣ୍ଡନ କରିଛନ୍ତି। ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା ସେ ସ୍ପଷ୍ଟୀକରଣରେ କହିଛନ୍ତି। ଦେହ ଅସୁସ୍ଥ ଥିବା ସତ୍ତ୍ୱେ ସେ ସ୍କୁଲକୁ ଯାଇ କାମ କରୁଛନ୍ତି। ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଯିବା ଆସିବାରେ ଅସୁବିଧା ହେଉଛି। ଅନ୍ୟତ୍ର ବଦଳି ପାଇଁ ବିଇଓଙ୍କ ନିକଟରେ ଦାବି କରିଥିଲେ ମଧ ସୁଫଳ ମିଳୁ ନ ଥିବା ସେ କହିଛନ୍ତି।

### ଜିଲା ଚିକିତ୍ସାଳୟକୁ ଆସିବେ ୫୦ ଡାକ୍ତର

ଅନୁଗୋଳ ଅଫିସ, ୧୯।୧୧: ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ୨୦୦୦ ଡାକ୍ତରୀ ପଦବୀ ମଞ୍ଜୁର କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ ଚିଠି କରାଯାଇଛି। ତଦନୁଯାୟୀ ୩୦ ଜିଲାକୁ ୫୦ ଜଣ ହିସାବରେ ମୋଟ ୧,୫୦୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ରାଉରକେଲାରେ ୨୦ ଏବଂ ୩୨ ଉପଖଣ୍ଡ ଚିକିତ୍ସାଳୟକୁ ୧୫ ଜଣ ଲେଖାଏ ଡାକ୍ତର ଆସିବେ। ତଦନୁଯାୟୀ ଅନୁଗୋଳ ଜିଲାକୁ ମୋଟ ୫୦ ଡାକ୍ତର ଆସିବେ ବୋଲି ଜଣାପଡ଼ିଛି।

# ସନ୍ତୋଷ ଏୟୁସିସି ସଭାପତି

## ଦଳୀୟ ନିଷ୍ପତ୍ତିକୁ ମାନି ସନ୍ତୋଷଙ୍କୁ ଭୋଟ ଦେଲେ ପ୍ରତାପ

ଅନୁଗୋଳ ଅଫିସ, ୧୯।୧୧



ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ (ଏୟୁସିସି) ବ୍ୟାଙ୍କର ସଭାପତି ପଦବୀ ପାଇଁ ଶନିବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ପ୍ରଧାନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବିଜେଡି ସମର୍ଥିତ ସମସ୍ତ ୧୫ ନିର୍ଦ୍ଦେଶକଙ୍କ ଭୋଟ ତାଙ୍କ ସପକ୍ଷରେ ଯାଇଛି। ଏପରିକି ଦଳୀୟ ନିଷ୍ପତ୍ତି ମାନି ତାଙ୍କ ବିରୋଧରେ ନାମାଙ୍କନ ଦାଖଲ କରିଥିବା ପ୍ରତାପ ଚନ୍ଦ୍ର ମଲ୍ଲିକ ମଧ୍ୟ ସନ୍ତୋଷଙ୍କୁ ଭୋଟ ଦେଇଛନ୍ତି। ଫଳାଫଳ ଘୋଷଣା ପରେ ସନ୍ତୋଷଙ୍କ ସମର୍ଥକ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

ସଭାପତି ପଦବୀ ଲାଗି ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରୁ ଏକାଧିକ ଆଶାୟୀ ଥିଲେ। ତେବେ କେଉଁ ଜିଲାରୁ ସଭାପତି ବଛାଯିବ ତାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ଭାଗବଣ୍ଟା ନ ଛିଣ୍ଡିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ କଥା ଯାଇଥିଲା। ତେବେ ବିଜେଡି ସଭାପତିଙ୍କ ନିକଟରୁ ଚିଠି ଆସିବା ପୂର୍ବରୁ ଢେଙ୍କାନାଳ ଜିଲାର ପ୍ରତାପ ଚନ୍ଦ୍ର ମଲ୍ଲିକ ନାମାଙ୍କନ ଦାଖଲ କରିଥିଲେ। ହେଲେ ଦଳୀୟ ପ୍ରାର୍ଥୀ ଭାବେ ସନ୍ତୋଷଙ୍କ ନାମ ଲଫାପାରେ ଆସିଥିଲା। ଏହାପରେ ସନ୍ତୋଷ ନାମାଙ୍କନ ଦାଖଲ କରିଥିଲେ। ଦୁଇଜଣ ପ୍ରାର୍ଥୀଙ୍କ ନାମାଙ୍କନକୁ ନେଇ ବିଜେଡି ଶିବିରରେ ଚିନ୍ତା ବଢ଼ିଥିଲା। ପ୍ରତାପଙ୍କୁ ବୁଝାଇବା ପାଇଁ ଦଳୀୟ ନେତାଙ୍କ ପ୍ରୟାସ ଶେଷରେ ସଫଳ ହୋଇଥିଲେ। ଶନିବାର ପୂର୍ବାହ୍ନରେ ମତଦାନ ଆରମ୍ଭ ହେବା ମାତ୍ରେ ପ୍ରତାପ ପ୍ରଥମ ନିର୍ଦ୍ଦେଶକ ଭାବେ ସନ୍ତୋଷଙ୍କୁ ଭୋଟ ଦେଇ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଥିଲେ। ପ୍ରତାପ ଭୋଟ ଦେବା ପରେ ବିଜେଡି ତୁଙ୍ଗ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

ଏନେଇ ନବ ନିର୍ବାଚିତ ସଭାପତି ସନ୍ତୋଷ କହିଛନ୍ତି, ଆମ ଭିତରେ କିଛି ବୁଝାମଣା ଭୁଲ ରହିଥିଲା। ସେଭଳି କୌଣସି ବିଦ୍ରୋହ ନାହିଁ। ପ୍ରତାପ ଭାଇ ମତେ ଭୋଟ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି। ବ୍ୟାଙ୍କକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପ୍ରଥମ କାର୍ଯ୍ୟ ହେବ। ସରକାରଙ୍କ କୃଷିଭିତ୍ତିକ ଯୋଜନା କିଭଳି ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ସମସ୍ତେ କାର୍ଯ୍ୟ କରିବେ। ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁବିଧାରେ ଋଣ ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବ।

# ଓ. ପି. ଜିନ୍ଦଲ ସ୍କୁଲରେ ପୁସ୍ତକ ମେଳା

ଅନୁଗୋଳ ଅଫିସ, ୧୯।୧୧



ଅନୁଗୋଳସ୍ଥିତ ଓ.ପି. ଜିନ୍ଦଲ ସ୍କୁଲରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ କାର୍ଯ୍ୟସମିତି ଅଧ୍ୟକ୍ଷ ଦାମୋଦର ମିତ୍ତଲ ଏହାର ଶୁଭାରମ୍ଭ କରି ମେଳାର ଭରପୂର ଆନନ୍ଦ ନେବା ସହ ଜ୍ଞାନ ବୃଦ୍ଧି କରୁଥିବା ପୁସ୍ତକ ପଢ଼ିବାକୁ ଛାତ୍ରୀଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସିପ୍ରା ଝା, ସୁଜାତା ସରୋଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଅତିଥିଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ଓ.ପି. ଜିନ୍ଦଲ ସ୍କୁଲରେ ଆୟୋଜିତ ଇଣ୍ଟର-ସ୍କୁଲ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ସେମାନଙ୍କ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ। ଏହିପରି ଏକ ସୁନ୍ଦର ପୁସ୍ତକ ମେଳାର ଆୟୋଜନ ନିମନ୍ତେ ପ୍ରଧାନ ଶିକ୍ଷକ ଅତନୁ ରଥ ଭୁବନେଶ୍ୱର ସଦାଶିବ ବୁକ୍ ୱାର୍ଲ୍ଡକୁ ଧନ୍ୟବାଦ ଦେଇଥିଲେ।

# ସ୍କୁଲରେ ନିଶା ଖାଉଛନ୍ତି ଛାତ୍ର

- ଗୋଷ୍ଠୀ ସଂଘର୍ଷ ପରେ ଧରାପଡ଼ିଲା ଅବ୍ୟବସ୍ଥା
- ପରିଚାଳନା କମିଟି ବୈଠକ ବସୁ ନ ଥିବା ଅଭିଯୋଗ

ରାସୋଳ, ୧୯।୧୧(ଡି.ଏନ୍.ଏ.)



ଢେଙ୍କାନାଳ ଜିଲାର ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ନିଶାମୁକ୍ତ କରିବା ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି ରୋଡ୍‌ମ୍ୟାପ୍। ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହରୁ ସଚେତନତା ରଥ ଗଡ଼ିବ। ସ୍କୁଲ ଓ କଲେଜରେ ସ୍ୱେଚ୍ଛାସେବୀମାନେ ନିଶା ନିବାରଣ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ରାସୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ଶୁକ୍ରବାର ନିଶା ସେବନକୁ କେନ୍ଦ୍ରକରି ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବିଦ୍ୟାର ମନ୍ଦିରରେ କେତେଜଣ ଛାତ୍ର ମାଦକଦ୍ରବ୍ୟ ସେବନ କରିବା ଏବଂ ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସବୁଜାଣି ନୀରବ ରହିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି।

ମିଳିଥିବା ସୂଚନା ଅନୁଯାୟୀ, ରାସୋଳ ସରକାରୀ ଉଚ୍ଚ ବିଦ୍ୟାଳୟର କେତେଜଣ ଛାତ୍ର ସ୍କୁଲକୁ ଆସି ବିଦ୍ୟାଳୟ ପଛପଟେ ନିୟମିତ ନିଶା ସେବନ କରୁଥିଲେ। ଏ ନେଇ କେତେଜଣ ଛାତ୍ର ପ୍ରଧାନ ଶିକ୍ଷକ ଅନାଦି ଚରଣ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ନିଶା ସେବନ କରୁଥିବା ଛାତ୍ରଙ୍କୁ ଡାକି ପ୍ରଧାନ ଶିକ୍ଷକ ତାଗିଦ୍ କରିବା ସହ ସେମାନଙ୍କ ସମ୍ମୁଖରେ ଅଭିଯୋଗକାରୀ ଛାତ୍ରଙ୍କ ନାମ ପ୍ରଘଟ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଅଭିଯୋଗ ଆଣିଥିବା ଛାତ୍ରଙ୍କୁ ଭୁଜାଲି ଏବଂ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷର ୩ରୁ ଅଧିକ ଛାତ୍ର ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ତେବେ ପିଲାମାନଙ୍କ ଭବିଷ୍ୟତକୁ ନଜରରେ ରଖି ଅଭିଭାବକଙ୍କ ସହମତିରେ ଏହାର ଆପୋସ ସମାଧାନ କରିବା ସହ ସ୍କୁଲରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଥିବା ଏସ୍‌ଆଇ ରଶ୍ମିତା ରଥ ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ସବୁଠାରୁ ବଡ଼କଥା ହେଉଛି, ବିଦ୍ୟାଳୟରେ ଦୀର୍ଘଦିନରୁ ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଥିଲେ ମଧ ସ୍କୁଲ ପରିଚାଳନା କମିଟି ବୈଠକ ବସୁନାହିଁ। ଏହାକୁ ପରିଚାଳନା କମିଟି ସଦସ୍ୟ ଥିବା ସରପଞ୍ଚ ଦିବାକର ନାୟକ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ନିର୍ବାଚିତ ହେବାର ୮ ମାସ ହେଲା ସ୍କୁଲର କୌଣସି ବୈଠକକୁ ତାଙ୍କୁ ଡକାଯାଇନାହିଁ। ଶୁକ୍ରବାର ବିବାଦୀୟ ଘଟଣା ପରେ ସମାଧାନ ଲାଗି ତାଙ୍କୁ ପ୍ରଧାନ ଶିକ୍ଷକ ଡାକିଥିଲେ। ହେଲେ ସେଠାରେ ପାଟିତୁଣ୍ଡ ହେବାରୁ ସେ ଉଠି ଚାଲି ଆସିଥିବା କହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେବାରେ କେତେଜଣ ଛାତ୍ର ସ୍କୁଲରେ ନିଶା ସେବନ କରୁଥିବା ସ୍ୱୀକାର କରିଥିଲେ। ତେବେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଅତି ହାଲୁକା ଭାବେ ନେଇ କ'ଣ ଘଟଣା ଘଟିଛି ଜାଣି ନ ଥିବା କହି ଉଠି ପଳାଇଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କୁହନ୍ତି, ଏହାର ତଦନ୍ତ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ (ବିଇଓ) ଶାନ୍ତନୁ ମଲ୍ଲିକ କୁହନ୍ତି, ଘଟଣା ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିଥିଲେ। ଦୁଇ ଗୋଷ୍ଠୀର ଅଭିଭାବକଙ୍କୁ ଡାକି ବୁଝାଶୁଝା କରାଯାଉଥିବା ପ୍ରଧାନ ଶିକ୍ଷକ କହିଥିବା ବିଇଓ କହିଛନ୍ତି।



## ଆକ୍ରମଣ ମାମଲାରେ ଜଣେ ଗିରଫ

ଢେଙ୍କାନାଳ ଅଫିସ, ୧୯।୧୧: ଢେଙ୍କାନାଳ ସହର ଜୟଗୋପାଳ ସାହିରେ ଗତ ୧୬ ତାରିଖରେ ପଥରମାଡ଼ ହୋଇଥିଲା। ଏଥିରେ ଭାଗୀରଥି ସାହୁ ଗୁରୁତର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ଦୀପକ ବେହେରା ଓରଫ ଟିଆଁଙ୍କୁ ଶନିବାର ଟାଉନ ଥାନା ପୋଲିସ ଗିରଫ କରିଛି। ଉଭୟଙ୍କ ମଧ୍ୟରେ ବିବାଦ ଯୋଗୁ ଭାଗୀରଥିଙ୍କ ମୁଣ୍ଡକୁ ଦୀପକ ପଥରରେ ଆକ୍ରମଣ କରିଥିଲେ। ଏ ନେଇ ନଂ. ୬୨୨/୨୨ରେ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କୁ ମିଳୁନି ନ୍ୟାୟ

ଢେଙ୍କାନାଳ ଅଫିସ, ୧୯।୧୧: ଢେଙ୍କାନାଳ ଜିଲା ମାଧ୍ୟମିକ ବ୍ଲକଗ୍ରାଣ୍ଟ ପ୍ରାପ୍ତ ବିଦ୍ୟାଳୟ ସମୂହର ଶିକ୍ଷକ କର୍ମଚାରୀଙ୍କୁ ନେଇ ଶନିବାର ଏକ ବୈଠକ ବଳରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଯୁଗଳ କିଶୋର ପାଣିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ମଧୁସୂଦନ ରାଉତ ଯୋଗଦେଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୦୪ରୁ ବିନା ଚାକିରି ସର୍ତ୍ତାବଳୀରେ କାମ କରିଆସୁଥିବା ଶିକ୍ଷକ କର୍ମଚାରୀଙ୍କୁ ନ୍ୟାୟ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ, ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ଆସନ୍ତା ୨୭ ତାରିଖରେ ସଦର ବ୍ଲକ କଙ୍କଡ଼ାହାଡ଼ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ସଭାରେ ଚନ୍ଦ୍ରମଣି ଦଳବେହେରା, ପଦ୍ମନାଭ ବାରିକ, ନୀଳାଚଳ ବାରିକ, ବିଜୟ ସାମଲ, ବିଜୟ କେତନ ନାୟକ, ଗଣେଶ ବାଇ, ଚିତ୍ତରଞ୍ଜନ ପଟ୍ଟନାୟକ, ଅଶ୍ୱିନୀ ପଣ୍ଡା, ଚିତ୍ତରଞ୍ଜନ ଦାଶ, ରଞ୍ଜନ ସାହୁ, ଅଶେଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୦ ଟନ୍ କୋଇଲା ଜବତ, ୪ ଗିରଫ

ଭୁବନ, ୧୯।୧୧(ଡି.ଏନ୍.ଏ.), ତାଳଚେର ଅଞ୍ଚଳରୁ ବାଲେଶ୍ୱରକୁ କୋଇଲା ଚୋରା ଚାଲାଣ ବେଳେ ଭୁବନ ପୋଲିସ ଏକ ୧୦ ଚକିଆ ଟ୍ରକ୍ (ନଂ. ଓଆର୍ ୦୪ ଏମ୍ ୫୨୧୦) ଏବଂ ଉକ୍ତ ଗାଡ଼ିକୁ ପାଇଲଟିଂ କରି ନେଉଥିବା କାର୍ (ନଂ. ଓଡ଼ି ୦୨ ବିଏଚ୍ ୪୯୫୧) ଜବତ କରିଛି। ଟ୍ରକ୍‌ରେ ୨୦ ଟନ୍ କୋଇଲା ଥିବା ଜଣାପଡ଼ିଛି। ଏହି ଘଟଣାରେ ପରଜଙ୍ଗ ଥାନା ବାଲିଚତୁରି ଗ୍ରାମର ବାପି ଦାସ (୨୮), ତାଙ୍କ ଭାଇ ଭୀଷ୍ମ ଦାସ (୨୩), ମୁଣ୍ଡେଇଲୋ ଅଞ୍ଚଳର ପ୍ରିୟବ୍ରତ ପଣ୍ଡା (୨୪) ଏବଂ ସନ୍ଥନଗରର ବିଶ୍ୱଜିତ୍ ନାୟକ (୨୧) ଗିରଫ ହୋଇଛନ୍ତି। ଏ ନେଇ ଥାନାରେ ନଂ. ୪୭୩/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଆଖିରେ ଧୂଳି ଦେଇ ଉକ୍ତ ଟ୍ରକ୍‌ରେ ବିଭିନ୍ନ ସ୍ଥାନକୁ ଚୋରା କୋଇଲା ଚାଲାଣ କରାଯାଉଥିଲା। ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ ଥାନାଧିକାରୀ ଶୁଭେନ୍ଦୁ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଜବତ କରାଯାଇଥିବା ଦୁଇ ଗାଡ଼ି ଥାନାକୁ ଅଣାଯାଇ ପୋଲିସ ତନାଘନା ଜାରି ରଖିଛି।



# ଫେଁରୁଛି ମହିଳା ଖୋ ଖୋ ଚମକ

■ଆନ୍ତଃକଲେଜ ପ୍ରତିଯୋଗିତାରେ ଦକ୍ଷତା ଦେଖାଇଲେ କ୍ରୀଡ଼ାବିତ୍

■ଆଜି ଫାଇନାଲ୍ ମ୍ୟାଚ୍, ମୁହାଁମୁହିଁ ହେବେ ଭୁବନ-ପୁରୀ

ଭୁବନ, ୧୯।୧୧(ଡି.ଏନ୍.ଏ.)



ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ପରେ ଲୋକାଦୃତି ହାସଲ କରିଛି ହକି, ଫୁଟ୍‌ବଲ ଭଳି ଲୋକପ୍ରିୟ କ୍ରୀଡ଼ା। ପୁରୁଷଙ୍କ ଭଳି ମହିଳାମାନେ ମଧ୍ୟ ଆଉଟ୍‌ଡୋର ଗେମ୍‌ରେ ଦେଖାଉଛନ୍ତି ସେମାନଙ୍କ ଦକ୍ଷତା। ଖୋ ଖୋ, କବାଡ଼ି ଭଳି ପ୍ରତିଯୋଗିତାରେ ଏବେ ସେମାନଙ୍କ ଚମକ ରାଜ୍ୟ ପାଇଁ ନୂଆ ଆଶା ସଞ୍ଚାର କରିଛି। ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆନ୍ତଃକଲେଜ ମହିଳା ଖୋ ଖୋ ପ୍ରତିଯୋଗିତାରେ ଏହାର ଝଲକ ଦେଖିବାକୁ ମିଳିଛି। ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୯ କଲେଜର ମହିଳା ଟିମ୍ ଏଥିରେ ଅଂଶଗ୍ରହଣ କରି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି।

ଏହି ପ୍ରତିଯୋଗିତାରେ ଯାଜପୁର ରୋଡ୍ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ବାଙ୍କୀସ୍ଥିତ ରାଣୀ ଶୁକଦେଇ ମହାବିଦ୍ୟାଳୟ, ଜଗତ୍‌ସିଂହପୁରସ୍ଥିତ ଗାଦିବ୍ରହ୍ମ କଲେଜ, ପୁରୀ ଚାରିଛକ ନିଗମାନନ୍ଦ କଲେଜ, ଯାଜପୁର ବିରଜା କଲେଜ, ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ, ନିମାପଡ଼ାସ୍ଥିତ ଆଇଜି ନିଗମାନନ୍ଦ କଲେଜ, ଖୋର୍ଦ୍ଧା, ଭୁବନ ଡିଗ୍ରୀ କଲେଜ ଅଂଶଗ୍ରହଣ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଟିମ୍‌କୁ ହରାଇ ଭୁବନ ଏବଂ ଯାଜପୁର ରୋଡ୍ ଇନ୍ଦିରା ଗାନ୍ଧୀ ମହିଳା କଲେଜକୁ ହରାଇ ପୁରୀ ଚାରିଛକ ନିଗମାନନ୍ଦ କଲେଜ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଉଦ୍‌ଯାପନୀ ଦିବସରେ ଫାଇନାଲ୍ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଏଥିରେ ଉଭୟ ଦଳ ପରସ୍ପରକୁ ଭେଟିବେ।

ଉଦ୍‌ଘାଟନୀ ସମାରୋହରେ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର କ୍ରୀଡ଼ାବିତ୍ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଉଛନ୍ତି। ଆନ୍ତଃକଲେଜ ଖୋ ଖୋ ପ୍ରତିଯୋଗିତାରେ ଆଶାନୁରୂପକ ପ୍ରଦର୍ଶନ କଲେ ରାଜ୍ୟ ଦଳରେ ସ୍ଥାନ ପାଇବାର ସୁଯୋଗ ମିଳିବ ଏବଂ ରାଜ୍ୟରେ ମହିଳାଙ୍କୁ ନେଇ ଆୟୋଜିତ କ୍ରୀଡ଼ା ଭିନ୍ନ ସୋପାନ ଛୁଇଁବ ବୋଲି ଏମ୍‌ପି ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସମ୍ମାନିତ ଅତିଥି ଆଦିତ୍ୟବାହିନୀ ମାର୍ଗଦର୍ଶକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଏବିଭିପିର କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଆପାଂଶୁ ଶେଖର ସିଲ, ଏବିଭିପି ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ଦେବବ୍ରତ ପୃଷ୍ଟି, ସନାତନ ସାମଲ, ପରଜଙ୍ଗ ବ୍ଲକର ଜିଲା ପରିଷଦ ସଦସ୍ୟ ନିରଞ୍ଜନ ପ୍ରଧାନ, ଭୁବନ ମହିଳା ଜୁନିୟର କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭୁବନ ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ଶାରୀରିକ ଶିକ୍ଷା ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଅନିଲ ନନ୍ଦ, ଜୀବନଜ୍ୟୋତି ବିଶ୍ୱାଳ, ପ୍ରହ୍ଲାଦ ସାହୁ, ଉମାକାନ୍ତ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ରାଉତ, ଗଦାଧର ସାହୁ ମ୍ୟାନେଜର ଦାୟିତ୍ୱ ତୁଲାଇଥିବାବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ବାଜି ରାଉତଙ୍କ ମାଟିରେ ଖେଳିବାର ଅନୁଭବ ଅନନ୍ୟ



ରାଜ୍ୟସ୍ତରରେ ବିଭିନ୍ନ ସ୍ଥାନରେ ଖେଳିବାର ସୁଯୋଗ ମିଳିଥିଲେ ମଧ ଶହୀଦ ବାଜି ରାଉତଙ୍କ ମାଟିରେ ଖେଳିବାର ଅନୁଭବ ଅନନ୍ୟ। ଅଞ୍ଚଳବାସୀଙ୍କ ଖେଳ ପ୍ରତି ଉତ୍ସାହ ଦେଖି ଖୁସି ଲାଗୁଛି।

-ସସ୍ମିତା ଗୋଛି, ବାଙ୍କୀ ଦଳର ଅଧିନାୟିକା

### ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରଚେଷ୍ଟା ଜାରି ରହିବ



କ୍ରୀଡ଼ା ହେଉଛି ଓଡ଼ିଶାର ପରିଚୟ। ଖୋ ଖୋରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରୟାସ ଜାରି ରହିବ। ଟର୍ଫ ପିଚ୍‌ରେ ଖେଳିବା ସାମାନ୍ୟ କଷ୍ଟକର। ମ୍ୟାଟ୍ ପିଚ୍ ହୋଇଥିଲେ ପ୍ରଦର୍ଶନ ଆହୁରି ଭଲ ହୁଅନ୍ତା

-ଶୁଭଦର୍ଶିନୀ ବେହେରା, ଜଗତ୍‌ସିଂହପୁର ଦଳର ଅଧିନାୟିକା

### ଘରୋଇ ପରିବେଶର ଫାଇଦା ନେବୁ



ହୋମ ଗ୍ରାଉଣ୍ଡରେ ଦର୍ଶକଙ୍କ ଭରପୂର ସମର୍ଥନ ମିଳୁଛି। ବିଗତ ଦିନରେ ଏଠାରେ ଚାମ୍ପିୟନ ହୋଇଥିଲୁ। ଚଳିତବର୍ଷ ଦଳରେ ୨ ଭଲ ଖେଳାଳି ସାମିଲ ଅଛନ୍ତି। ଘରୋଇ ପରିବେଶର ଫାଇଦା ଉଠାଇବୁ।

-ଦୀପିକା ପୃଷ୍ଟି, ଭୁବନ ଦଳର ଅଧିନାୟିକା

### ଛୋଟ ଛୋଟ ତ୍ରୁଟିରୁ ମ୍ୟାଚ୍ ହାତଛଡ଼ା ହେଲା



ଭୁବନରେ ଖେଳ ପରିବେଶ ବେଶ ଉତ୍ତମ। କିନ୍ତୁ ସମନ୍ୱୟ ଅଭାବ ଏବଂ ଛୋଟ ଛୋଟ ତ୍ରୁଟି ଯୋଗୁ ମ୍ୟାଚ୍ ହାତଛଡ଼ା ହୋଇଗଲା। ମ୍ୟାଟ୍ ପିଚ୍ ହୋଇଥିଲେ ଫଳାଫଳ ଆମ ସପକ୍ଷରେ ଯାଇଥାଆନ୍ତା।

-ଲକ୍ଷ୍ମୀପ୍ରିୟା ମୁର୍ମୁ, ରମାଦେବୀ ବିଶ୍ୱବିଦ୍ୟାଳୟ ଦଳର ଅଧିନାୟିକା



ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ଏକ ଦୃଶ୍ୟ।

# ଜାମସେଦପୁରକୁ ହରାଇ କଟକ ସେମିରେ

ଢେଙ୍କାନାଳ ଅଫିସ, ୧୯।୧୧

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସନ୍‌ରାଇଜ କ୍ଲବ କଟକ ୱାଇଏମ୍‌ସି ଜାମସେଦପୁରକୁ ସଡନ୍‌ଡେଥ୍‌ରେ ୬-୫ ଗୋଲ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଜାମସେଦପୁର ହଳଦିଆ ଏବଂ କଟକ ଦଳର ଖେଳାଳି କଳା ରଙ୍ଗର ଜର୍ସିରେ ପଡ଼ିଆକୁ ଓହ୍ଲାଇଥିଲେ। ଉଭୟ ଦଳ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ପ୍ରଦର୍ଶନ କରିଥିବାବେଳେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିଥିଲା। ଆଲୋକ ଅଭାବରୁ ଅତିରିକ୍ତ ସମୟ ଖେଳ ହୋଇପାରି ନ ଥିଲା। ଫଳାଫଳ ପାଇଁ ପେନାଲ୍‌ଟି ଶୁଟଆଉଟ୍ ହୋଇଥିବାବେଳେ ୫-୫ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ଏହାପରେ ସଡନଡେଥ୍‌ରେ କଟକ ବିଜୟୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ କଟକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଜାମସେଦପୁର ଦଳର ଖେଳାଳିଙ୍କ ଚମତ୍କାର ରକ୍ଷଣ ଯୋଗୁ ଏକାଧିକ ସୁଯୋଗ ହାତଛଡ଼ା ହୋଇଥିଲା। ସେହିପରି ଜାମ୍‌ସେଦପୁର ମଧ୍ୟ ମିଳିଥିବା ସୁଯୋଗର ଫାଇଦା ଉଠାଇପାରି ନ ଥିଲା। ବିଜୟୀ କଟକ ଦଳର ୟୁସୁଫ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କୁ କ୍ରୀଡ଼ା ସଂସଦ ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ପୁରସ୍କୃତ କରିଥିଲେ। ମୁଖ୍ୟ ରେଫରି ଭାବେ କିଷାନ ଦାସ, ସହଯୋଗୀ ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ଦେବରାଜ ସ୍ୱାଇଁ, ଶଶିକାନ୍ତ ଦାସିଆ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ପ୍ରେମାନନ୍ଦ ମହାନ୍ତ, ସରୋଜ ପାଢ଼ୀ ଧାରା ବିବରଣୀ ଦେଇଥିବାବେଳେ ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଉପସ୍ଥିତ ଥିଲେ। ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରାଇଥିଲେ। ରବିବାର ପ୍ରଥମ ସେମିଫାଇନାଲ ସନ୍‌ରାଇଜ କ୍ଲବ କଟକ ଓ ଜଗା ୟୁନାଇଟେଡ୍ କ୍ଲବ ମଧ୍ୟରେ ଖେଳାଯିବ ବୋଲି ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ, ୫ ଗୁରୁତର

ଭୁବନ, ୧୯।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ରଗଡ଼ି ଛକ ନିକଟରେ ଶନିବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୁବନ କାଳୀବଜାର ଅଞ୍ଚଳର ଜଗା ନାଏକ (୩୦), ଗଁଦିଆ ଥାନା କାଶୀପୁର ଗ୍ରାମର ଦଳେଇ ମଲ୍ଲିକ (୨୩), ଭୁବନ ଥାନା ମୃଦଙ୍ଗା ଗ୍ରାମର ସିପୁନ ବେହେରା (୨୧), ମହୁଲପାଳ ଗ୍ରାମର ଗାଣ୍ଡୁଆ ମାଝି (୩୦), ଅର୍ଜୁନ ରାଉତ (୨୫)। ସିପୁନ, ଗାଣ୍ଡୁଆ ଓ ଅର୍ଜୁନ ଏକ ବାଇକ୍‌ରେ ଭୁବନରୁ ମହୁଲପାଳ ଆଡ଼କୁ ଯାଉଥିବାବେଳେ ରଗଡ଼ି ଛକରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଜଗା ଓ ଦଳେଇଙ୍କ ସହିତ ଧକ୍କା ହୋଇଥିଲା। ସମସ୍ତେ ଗାଡ଼ିରୁ ଛିଟିକି ପଡ଼ିଥିଲେ।

ଭୁବନ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜଗାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ୪ ଜଣଙ୍କ ମଧ୍ୟରୁ କେତେଜଣଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଲାଗିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗୋଚାଲାଣ ବେଳେ ଦୁର୍ଘଟଣା

ପରଜଙ୍ଗ, ୧୯।୧୧(ଡି.ଏନ୍.ଏ.)

**ସାଇକେଲ ଆରୋହୀ ଗୁରୁତର**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ଭାଲୁମୁଣ୍ଡା-ସାଆନ୍ଦା ପୂର୍ତ୍ତ ବିଭାଗ ରାସ୍ତାର ଆଶ୍ରମ ଛକ ନିକଟରେ ଶନିବାର ସକାଳେ ଏକ ଗୋରୁ ବୋଝେଇ ଟାଟା ଏସିଇ (ଓଡ଼ି ୩୫ ଡ଼ି ୬୧୭୮) ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ପାଟରପଦା ଗ୍ରାମର ଚନ୍ଦ୍ରମଣି ଦେହୁରୀ। ଚନ୍ଦ୍ରମଣି ସାଇକେଲରେ ଘରକୁ ଯାଉଥିବା ବେଳେ ଭାଲୁମୁଣ୍ଡା ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଉକ୍ତ ଗୋରୁ ବୋଝେଇ ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟପଟେ ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ। ତେବେ ଧରାପଡ଼ିଯିବା ଭୟରେ ଅଁଳାକଟା ଗ୍ରାମ ନିକଟରେ ଗୋରୁଙ୍କୁ ଫିଟାଇ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ସୂଚନା ପାଇ ଫାଣ୍ଡି ଅଧିକାରୀ ରଞ୍ଜନ ପିଙ୍ଗୁଆ ପହଞ୍ଚି ଗାଡ଼ି ଜବତ କରିଛନ୍ତି। ଏ ନେଇ ଫାଣ୍ଡି ଅଧିକାରୀ କୁହନ୍ତି, ପୋଲିସ ପହଞ୍ଚିବା ବେଳକୁ ଗାଡ଼ିରେ ଗୋରୁ ନ ଥିଲେ। ତେବେ ଗାଡ଼ିରେ ଷଣ୍ଢ ଚାଲାଣ କରାଯାଉଥିବା ସୂଚନା ମିଳିଛି ବୋଲି ସେ କହିଛନ୍ତି।




ଦୁର୍ଘଟଣା ଘଟାଇଥିବା ଗୋରୁ ବୋଝେଇ ଗାଡ଼ି।

# ନ୍ୟାୟ ମାଗିଲେ ପ୍ରାଥମିକ ଶିକ୍ଷକ

ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ୍.ଏ.), ୧୯।୧୧

ପ୍ରାଥମିକ ଶିକ୍ଷକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଢେଙ୍କାନାଳ ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଛି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଇଓ, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ସଭାପତି ନିରାକାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାଥ, ମହାସଚିବ ବୈରାଗୀ ଚରଣ ସେଠୀ, ଶିକ୍ଷକ ନେତା ଅଜୟ ସ୍ୱାଇଁ, ସୁଶାନ୍ତ ପାଢ଼ୀ, ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷକ ମାରଣ ନୀତିର ଦୃଢ଼ ନିନ୍ଦା କରିଥିଲେ।

ରାଜ୍ୟ ସରକାରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ପ୍ରକ୍ରିୟାରୁ ପ୍ରାଥମିକ ଶିକ୍ଷକ ବାଦ୍ ପଡ଼ିଛନ୍ତି। ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ୨୦୦୧ରେ ପ୍ରାଥମିକ ଶିକ୍ଷକଙ୍କୁ ଶିକ୍ଷା ସହାୟକ ଭାବେ ୧୫୦୦ ଟଙ୍କାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ସରକାରଙ୍କ ନୂତନ ପେନ୍‌ସନ ବ୍ୟବସ୍ଥା ଲାଗୁ ପରେ କାର୍ଯ୍ୟରୁ ଅବସର ନେଇଥିବା ଜଣେ ପ୍ରାଥମିକ ଶିକ୍ଷକ ୭୦୦ରୁ ୧୫୦୦ ଟଙ୍କା ପେନ୍‌ସନ୍ ମିଳୁଛି। ତେଣୁ ୨୦୦୧ରେ ନିଯୁକ୍ତ ଶିକ୍ଷକଙ୍କ କ୍ଷେତ୍ରରେ ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ, ମୂଳ ନିଯୁକ୍ତି ସମୟଠାରୁ ଚାକିରି ସମୟ ଗଣନା କରିବା, ପ୍ରତିବର୍ଷ ଇନ୍‌କ୍ରିମେଣ୍ଟ ପ୍ରଦାନ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ଏକ୍ସ କ୍ୟାଡର ଶିକ୍ଷକ ବ୍ୟବସ୍ଥା ଉଚ୍ଛେଦ କରି ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ ଆଦି ଦାବି କରାଯାଇଛି। ନଭେମ୍ବର ୨୭ରେ ବିଧାନସଭା ସମ୍ମୁଖରେ ପ୍ରସ୍ତାବିତ ଗଣଧାରଣାକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି। ଶୋଭାଯାତ୍ରାରେ ୮ ବ୍ଲକରୁ ୩୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

ସେହିପରି ଭୁବନ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ ବୈଠକରେ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶାଖା ସଭାପତି ଶତ୍ରୁଘ୍ନ ପାତ୍ରଙ୍କ ନେତୃତ୍ୱରେ ଉପସଭାପତି ମନୋଜ କୁମାର ସାହୁ, ସମ୍ପାଦକ ସନ୍ତୋଷ ସାହୁ, ବରିଷ୍ଠ କର୍ମକର୍ତ୍ତା ମନୋଜ ଦାସ, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଢେଙ୍କାନାଳରେ ଅନୁଷ୍ଠିତ ଶୋଭାଯାତ୍ରାରେ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

# ଡିସେମ୍ବର ୨୮ରୁ ଧାନକିଣା

ଢେଙ୍କାନାଳ ଅଫିସ, ୧୯।୧୧

ଢେଙ୍କାନାଳ ଜିଲାରେ ଡିସେମ୍ବର ୨୮ରୁ ଖରିଫ୍ ଧାନକିଣା ଆରମ୍ଭ ହେବ। ଏହାକୁ ଶୃଙ୍ଖଳିତ କରିବା ଲାଗି ଶନିବାର ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଚାଷୀମାନେ ସୁଦୃଢ଼ ଅର୍ଥନୀତିର ମେରୁଦଣ୍ଡ। ପ୍ରକୃତ ଚାଷୀ ଯେପରି ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ବିଭାଗୀୟ ଅଧିକାରୀ ଓ ମିଲରଙ୍କୁ ପରାମର୍ଶ ଦେଇଛନ୍ତି।

ଆସନ୍ତା ଡିସେମ୍ବର ୨୮ରୁ ୨୦୨୩ ମାର୍ଚ୍ଚ ୩୧ ଯାଏ ଧାନ କିଣାଯିବ। ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ୯୩ ହଜାର ୩୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏହି କାର୍ଯ୍ୟରେ ୧୬ ମିଲରଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ଜିଲାର ୫୯,୬୮୪ ଚାଷୀ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକୃତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀଙ୍କୁ ସେମାନଙ୍କ ଧାନବିକ୍ରି ବାବଦ ଅର୍ଥ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନରେ ପ୍ରଦାନ କରାଯିବ। ଚାଷୀମାନେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ମଧ୍ୟରେ ମଣ୍ଡିରେ ଧାନ ଦେଇପାରିବେ। ପଞ୍ଜୀକୃତ ଚାଷୀଙ୍କୁ ଆଗୁଆ ଟୋକନ ପ୍ରଦାନ ସହ ସେମାନଙ୍କ ମୋବାଇଲକୁ ମେସେଜ୍ ଛଡ଼ାଯିବ। ସାଧାରଣ ଧାନ ପାଇଁ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା, 'ଏ' ଗ୍ରେଡ୍ ଧାନ ପାଇଁ ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ୫୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି), ୮୦ କୋଅପରେଟିଭ୍ ସୋସାଇଟି ସହଯୋଗ କରିବେ। ଆଞ୍ଚଳିକ ନିୟନ୍ତ୍ରଣ ବଜାର କମିଟି ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଏ ସଂକ୍ରାନ୍ତରେ ଚାଷୀଙ୍କୁ ପ୍ରଚାର କରି ଅବଗତ କରାଯିବ।

ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଯଥାସମ୍ଭବ ପ୍ରଦାନ କରିବା ଲାଗି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ ସରୋଜ କୁମାର ସେଠୀ ବୈଠକରେ ଅଧ୍ୟକ୍ଷତା କରି ଚାଷୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ବିଭାଗୀୟ ଅଧିକାରୀ, ମିଲର ଓ ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲା ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ଏମ୍‌ପି, ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳ ଓ ଅନ୍ୟମାନେ।

■ପ୍ରଥମ ପର୍ଯ୍ୟାୟରେ ୭.୯୩ ଲକ୍ଷ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟ

■ଅନ୍‌ଲାଇନ୍‌ରେ ୫୯,୬୮୪ ଚାଷୀ ପଞ୍ଜୀକୃତ

■ସହଯୋଗ କରିବେ ୫୬ ଏସ୍‌ଏଚ୍‌ଜି, ୮୦ ସୋସାଇଟି

